# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
**13 September– 2026**

# ବ୍ରିକ୍ସ

ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ଚାଲିଥିବା ଦୁଇଦିନିଆ ବ୍ରିକ୍ସ ଶିଖର ସମ୍ମିଳନୀ ଆଜି ଉଦ୍‌ଯାପିତ ହେଉଛି । ପ୍ରଥମ ଦିନରେ ଗତକାଲି ଦିଲ୍ଲୀ ଘୋଷଣାନାମା ପ୍ରକାଶ ପାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରସ୍ତାବିତ ଏହି ଘୋଷଣାନାମା ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି । ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଆଲୋଚନା, ବୁଝାମଣା ଏବଂ କୂଟନୈତିକ ମାଧମରେ କରାଯିବା ନେଇ ଘୋଷଣାନାମାରେ ଗୁରୁତ୍ୱ ଦିଆଯାଇଛି । ସମ୍ମିଳନୀକୁ ସମ୍ବୋଧନ କରି ଶ୍ରୀ ମୋଦୀ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସମନ୍ୱୟ ଏବଂ ଏକତା ବଜାୟ ରଖିବା ପାଇଁ ଆହ୍ୱାନ ଦେଇଛନ୍ତି ।

**V/O**

# ୟୁଏଇ-ମୁଖ୍ୟମନ୍ତ୍ରୀ ଉଦ୍‌ଯାପିତ

ସଂଯୁକ୍ତ ଆରବ ଏମିରେଟ୍‌ସରେ ଚାଲିଥିବା ୩ ଦିନିଆ ଓଡ଼ିଶାରେ ପୁଞ୍ଜିନିବେଶ ଅଭିଯାନ ଗତକାଲି ଉଦ୍‌ଯାପିତ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆବୁଧାବି ଏବଂ ଦୁବାଇରେ ଅନୁଷ୍ଠିତ ଏହି ଅଭିଯାନରେ ୧୬ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

ମୋଟ ୨ଲକ୍ଷ ୪୩ହଜାର ୧୬୨କୋଟି ଟଙ୍କାର ପୁଞ୍ଜି ପ୍ରସ୍ତାବ ମିଳିଛି । ଏହାଦ୍ୱାରା ୬ଲକ୍ଷ ୧୮ହଜାର ୭୨୫ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ସରକାରୀ ଭାବେ ସୂଚନା ଦିଆଯାଇଛି । ଶ୍ରୀ ମାଝୀ ଆଜି ପୂର୍ବାହ୍ନରେ ଭୁବନେଶ୍ୱରରେ ପହଞ୍ଚିବେ । ସାମ୍ବାଦିକ ସମ୍ମିଳନୀରେ ୟୁଏଇ ଗସ୍ତର ସଫଳତା ଉପରେ ଆଜି ମୁଖ୍ୟମନ୍ତ୍ରୀ ସୂଚନା ପ୍ରଦାନ କରିବାର କାର୍ଯ୍ୟସୂଚୀ ରହିଛି ।

## ଲୋକ ଅଦାଲତ

ଓଡ଼ିଶା ହାଇକୋର୍ଟ ସମେତ ରାଜ୍ୟର ସମସ୍ତ ଜିଲ୍ଲା ଅଦାଲତ ଗୁଡ଼ିକରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ଆଇନ୍‌ସେବା ପ୍ରାଧିକରଣ ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଅନୁଷ୍ଠିତ ଏହି ଲୋକ ଅଦାଲତରେ ମୋଟ୍ ୩ଲକ୍ଷ ୬୪ହଜାର ୨୬୧ଟି ମାମଲାର ଫଏସଲା କରାଯାଇ ୨୧୯ କୋଟି ୪୬ଲକ୍ଷ ୩୮ହଜାର ୯୬୪ଟଙ୍କା ଜୋରିମାନା ତଥା କ୍ଷତିପୂରଣ ବାବଦରେ ଆଦାୟ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

## ଜନ ଅଭିଯୋଗ ଶୁଣାଣି ବନ୍ଦ

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତାକାଲି ବନ୍ଦ ରହିବ । ଗଣେଶପୂଜା ତଥା ସରକାରୀ ଛୁଟି ପରିପ୍ରେକ୍ଷୀରେ ଶୁଣାଣି ଶିବିର ବନ୍ଦ ରହିବା ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ

ସୂଚନା ଦିଆଯାଇଛି । ପରବର୍ତ୍ତୀ ଶୁଣାଣି ତାରିଖ ଗଣମାଧ୍ୟମ ଦ୍ୱାରା ଅବଗତ କରାଯିବ ବୋଲି ବିଭାଗ କହିଛି ।

## ପିଏମ୍‌ଶ୍ରୀ-କୃଷିଭିତ୍ତିକ ଧନ୍ଦାମୂଳକ ଶିକ୍ଷା

ରାଜ୍ୟର ୨୦ଟି ଜିଲ୍ଲାରେ ଥିବା ୨୬ଟି ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ କୃଷିଭିତ୍ତିକ ଧନ୍ଦାମୂଳକ ଶିକ୍ଷା ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଛି । ବିଦ୍ୟାଳୟ ଶିକ୍ଷାକୁ ଅଧିକ ଦକ୍ଷତାଭିତ୍ତିକ ତଥା ରୋଜଗାରମୁଖୀ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଏଥିପାଇଁ ଓସେପା ଏବଂ ଓୟୁଏଟି ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଚଳିତ ଶିକ୍ଷାବର୍ଷରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ । ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଏହି ପଦକ୍ଷେପ ମାଧ୍ୟମରେ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ପ୍ରତ୍ୟକ୍ଷ ତାଲିମ ସହ କ୍ଷେତ୍ର ପରିଦର୍ଶନର ସୁଯୋଗ ପାଇବେ ବୋଲି ଓସେପା ପକ୍ଷରୁ କୁହାଯାଇଛି ।

## ଜାହାଜ ନିର୍ମାଣ-କ୍ୟାବିନେଟ୍

କେନ୍ଦ୍ରାପଡ଼ା ଜିଲ୍ଲା ଉପକୂଳବର୍ତ୍ତୀ ମହାକାଳପଡା ବ୍ଲକରେ ଜାହାଜ ନିର୍ମାଣ କ୍ଲଷ୍ଟରକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ବିଧାୟକ ତଥା ଜିଲ୍ଲା ଯୋଜନାକମିଟି ଅଧକ୍ଷ ଡକ୍ଟର ଦୁର୍ଗାପ୍ରସନ୍ନ ନାୟକ କହିଛନ୍ତି । ଦୁହୁରିଆସ୍ଥିତ ଜିଲ୍ଲା ଦଳୀୟ କାର୍ଯ୍ୟାଳୟରେ ଗତକାଲି ଏହା

ଉପରେ ଆଲୋକପାତ କରି କହିଛନ୍ତି ଏଥିପାଇଁ ସରକାର ୨୪ହଜାର ୭୦୦କୋଟି ଟଙ୍କା ମଞ୍ଜୁର କରିଛନ୍ତି ।

## ଆଇନ୍ ସଚେତନତା ଶିବିର

ଭଦ୍ରକ ଜିଲ୍ଲା ଚାନ୍ଦବାଲି ମହାବିଦ୍ୟାଳୟଠାରେ ଏକ ଆଇନ୍ ସଚେତନତା ଶିବିର ଗତକାଲି ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୋଲିସ ପ୍ରଶାସନିକ ଅଧିକାରୀ, ଆଇନ୍‌ଜୀବୀ ଏବଂ ଶିକ୍ଷାବିତ୍ ପ୍ରମୁଖ ଯୋଗଦେଇ ସାଇବର ଅପରାଧ, ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ, ମହିଳା ତଥା ଶିଶୁ ସୁରକ୍ଷା ଆଇନ୍ ଆଦି ଉପରେ ଆଲୋଚନା କରିଛନ୍ତି ।

## ସଚେତନତା କାର୍ଯ୍ୟକ୍ରମ

ଦିବ୍ୟାଙ୍ଗଜନଙ୍କ ଅଧିକାର ସମ୍ପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟରେ ଏକ କାର୍ଯ୍ୟକ୍ରମ କୋରାପୁଟଠାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଭିନ୍ନକ୍ଷମ ସଶକ୍ତିକରଣ ଆୟୁକ୍ତ ଭ୍ରତତି ହରିଚନ୍ଦନ ଏଥିରେ ଯୋଗଦେଇ ଦିବ୍ୟାଙ୍ଗଜନଙ୍କ ଆଇନ୍‌ଗତ ଅଧିକାର ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଏକ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ନିକୁଞ୍ଜ ଲୀଳା

ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କର ଆଜି ନିକୁଞ୍ଜ ଲୀଳା ଅନୁଷ୍ଠିତ ହେବ । ଜନ୍ମାଷ୍ଟମୀଠାରୁ ଶ୍ରୀମନ୍ଦିରରେ ପାଳିତ ହୋଇଆସୁଥିବା ଶ୍ରୀକୃଷ୍ଣଙ୍କ ଲୀଳା

କ୍ରମରେ ଆଜି ସଂଧ୍ୟାଧୂପ ପରେ ଏହି ନୀତି ପାଳନ କରାଯିବ । ଗତକାଲି ଠାକୁରଙ୍କର ପବିତ୍ର ଦାବାଗ୍ନି ଲୀଳା ଅନୁଷ୍ଠିତ ହୋଇଯାଇଛି ।

# ଫୁଟବଲ ପ୍ରତିଯୋଗିତା

ନୂଆପଡା ଜିଲ୍ଲା ଖଡ଼ିଆଳଠାରେ ଆସନ୍ତା ୨୦ରୁ ଅକ୍ଟୋବର ୭ ତାରିଖ ପର୍ଯ୍ୟନ୍ତ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଖଡ଼ିଆଳ ବ୍ଲକ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇ ବିଧାୟକ ଅଧିରାଜ ପାଣିଗ୍ରାହୀ କହିଛନ୍ତି ଖଡ଼ିଆଳଠାରେ ଏକ ଫୁଟବଲ ଏକାଡେମୀ ନିର୍ମାଣ ପାଇଁ ବିଚାର କରାଯାଉଛି । ଗ୍ରାମାଞ୍ଚଳରେ ଫୁଟବଲ କ୍ରୀଡ଼ା ପ୍ରତି ଥିବା ଆକର୍ଷଣକୁ ଦୃଷ୍ଟିରେ ରଖି ଏହି ପ୍ରତିଯୋଗିତାର ଆୟୋଜନ କରାଯାଉଛି ।

# ଦୃଷ୍ଟିବାଧିତ ଏସିଆ କପ୍ କ୍ରିକେଟ୍

ବାଂଲାଦେଶର ରାଜଧାନୀ ଢ଼ାକାରେ ଆସନ୍ତା ନଭେମ୍ବର ମାସ ୧୩ ତାରିଖରୁ ଦୃଷ୍ଟିବାଧିତ ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଖେଳାଯିବ । ଏଥିପାଇଁ ୨୪ଜଣିଆ ସମ୍ଭାବ୍ୟ ଭାରତୀୟ ଖେଳାଳି ମନୋନୟନ କରାଯାଇଛି । ଏଥିରେ ଓଡ଼ିଶାର ୩ଜଣ ଖେଳାଳି ଦେବରାଜ ବେହେରା, ନକୁଳ ବଡନାୟକ ଏବଂ ସୁଖରାମ ମାଝୀ ସ୍ଥାନ ପାଇଛନ୍ତି । ଖେଳାଳିମାନଙ୍କ ପାଇଁ ଚଳିତମାସ ଶେଷ ସପ୍ତାହରେ ବେଙ୍ଗାଲୁରୁଠାରେ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଛି ।

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ଲଘୁଚାପ କ୍ଷେତ୍ର ପଶ୍ଚିମ–ଉତ୍ତର ପଶ୍ଚିମ ଦିଗରେ ଗତି କରୁଛି। ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।